ଏନ୍. ଭି. ସୁବ୍ବା ରାଓ

ବନାମ

କର୍ପୋରେସନ୍ ବ୍ୟାଙ୍କ ଏବଂ ଅନ୍ୟମାନେ

ନଭେମ୍ବର 30, 2006

[ଡ଼. ଏ. ଆର୍. ଲକ୍ଷ୍ମଣନ୍ ଏବଂ ତରୁଣ୍ ଚାଟାର୍ଜୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଅବସରକାଳୀନଭତ୍ତା ଏବଂ ଆନୁତୋଷିକ - ନିଯୁକ୍ତିଦାତାଙ୍କ ଦ୍ୱାରା ବରଖାସ୍ତ ଆଦେଶକୁ କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ ପାଇଁ ସଂଶୋଧନ କରାଗଲା - ଉଚ୍ଚ ନ୍ୟାୟାଳୟର ଆଦେଶ ଅନୁଯାୟୀ କିରାଣୀ ପଦବୀରେ ପୁନଃସ୍ଥାପନ - ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ନିଲମ୍ବନ ଅବଧିକୁ ବିଚାର କରିବାକୁ ଏହି ଅଦାଲତରେ ଅପିଲ - ନିର୍ଣ୍ଣିତ ହେଲା : ନିଲମ୍ବନ ତାରିଖ ଠାରୁ ପୁନଃସ୍ଥାପନ ତାରିଖ ପର୍ଯ୍ୟନ୍ତ କର୍ମଚାରୀ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନର ଲାଭ ପାଇବାକୁ ହକଦାର ।*

ଅପିଲକାରୀଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ଫଳସ୍ୱରୂପ ଉତ୍ତରଦାତା-ବ୍ୟାଙ୍କ ଦ୍ୱାରା ବରଖାସ୍ତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଉଭୟ ପକ୍ଷଙ୍କ ଦ୍ୱାରା ସହମତି ଅନୁଯାୟୀ ବରଖାସ୍ତ ଆଦେଶକୁ କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ରାୟ ପରେ, ଅପିଲକାରୀଙ୍କୁ ଜଣେ କିରାଣୀ ଭାବେ ପୁନଃସ୍ଥାପିତ କରାଯାଇଥିଲା ।

ବର୍ତ୍ତମାନର ଅପିଲ ଏହି ପ୍ରଶ୍ନ ମଧ୍ୟରେ ସୀମିତ ଯେ ଅପିଲକାରୀ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ନିଲମ୍ବନ ଅବଧିକୁ ବିବେଚନା କରିବାକୁ ହକଦାର ଥିଲେ କି ନାହିଁ ।

ଅପିଲକୁ ଫଇସଲା କରି ଅଦାଲତ

ନିର୍ଣ୍ଣୟ କଲେ : ଯେତେବେଳେ ବରଖାସ୍ତ ଆଦେଶ ବାତିଲ କରିଦିଆଯାଏ ଏବଂ ଅପିଲକାରୀଙ୍କୁ କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ କରାଯାଏ, ସେତେବେଳେ ସେ ଉକ୍ତ ପଦବୀ ପାଇଁ ଉପଲବ୍ଧ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ସମେତ ସେବା ସୁବିଧା ପାଇବାକୁ

ହକଦାର ହେବେ । ଏହା କୁହାଯାଇପାରିବ ନାହିଁ ଯେ ଅପିଲକାରୀ କେବଳ ନିଲମ୍ବନ ତାରିଖ ଠାରୁ ବରଖାସ୍ତ ତାରିଖ ପର୍ଯ୍ୟନ୍ତ ଅବଧି ପାଇଁ ଲାଭ ପାଇବାକୁ ହକଦାର ହେବେ । ଉତ୍ତରଦାତା-ବ୍ୟାଙ୍କକୁ ନିଲମ୍ବନ ତାରିଖରୁ ତାଙ୍କୁ କିରାଣୀ ଭାବରେ ପୁନଃସ୍ଥାପିତ କରାଯିବା ପର୍ଯ୍ୟନ୍ତ ନିଲମ୍ବନ ଅବଧିକୁ କେବଳ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ବିବେଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 5601/2006 ।

ହାଇଦ୍ରାବାଦସ୍ଥିତ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟର 4.6.2002 ତାରିଖର ରାୟ ଏବଂ ଅନ୍ତିମ ଆଦେଶରୁ, ଡବ୍ଲୁ. ଏ. ସଂଖ୍ୟା 1354/2000 ରେ ।

ଅପିଲକାରୀଙ୍କ ପାଇଁ ରୟ ଆବ୍ରାହମ, ସୁଶ୍ରୀ ସୀମା ଜୈନ ଏବଂ ହିମିନ୍ଦର ଲାଲ ।

ଉତ୍ତରଦାତାମାନଙ୍କ ପାଇଁ ଧ୍ରୁବ ମେହତା, ହର୍ଷବର୍ଦ୍ଧନ ଝା, ଯଶରାଜ ଦେଓରା ଏବଂ ମନୋଜ ମେହତା (ମେସର୍ସ କେ. ଏଲ. ମେହତା ଆଣ୍ଡ କମ୍ପାନୀ ପାଇଁ) ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଡ଼. ଏ. ଆର୍. ଲକ୍ଷ୍ମଣନ**ଙ୍କ ଦ୍ୱାରା, - ଅନୁମତି ପ୍ରଦାନ କରାଗଲା ।

ଶ୍ରୀଯୁକ୍ତ ରୟ ଆବ୍ରାହମ, ଅପିଲକାରୀଙ୍କ ବିଦ୍ୱାନ ଓକିଲ ଏବଂ ଶ୍ରୀଯୁକ୍ତ ଧ୍ରୁବ ମେହେତା, ଉତ୍ତରଦାତାମାନଙ୍କ ବିଦ୍ୱାନ ଓକିଲଙ୍କ କଥା ଶୁଣିଲୁ । ଏହି ଅପିଲରେ ବିବାଦିତ ଆଦେଶକୁ ଆମେ ଅନୁଧ୍ୟାନ କରିଛୁ । କର୍ପୋରେସନ୍ ବ୍ୟାଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦାଖଲ କରିଥିଲେ ଯେ ପରିଚାଳନା ବିଭାଗ ବହିଷ୍କାରର ବିବାଦିତ ଆଦେଶକୁ ସଂଶୋଧନ କରି ଅପିଲକାରୀଙ୍କୁ କିରାଣୀଙ୍କ ସର୍ବନିମ୍ନ ପଦବୀକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଛି । ଉକ୍ତ ପ୍ରସ୍ତାବ ପାଇଁ, ଉତ୍ତରଦାତା-କର୍ମଚାରୀଙ୍କ ଓକିଲ ମଧ୍ୟ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିଲେ ଯେ କର୍ମଚାରୀ ନିମ୍ନ ପଦବୀକୁ ପ୍ରତ୍ୟାବର୍ତ୍ତନ ଦଣ୍ଡ ଗ୍ରହଣ କରିବାକୁ ରାଜି ହୋଇଥିଲେ । ଉପରୋକ୍ତ ଦାଖଲକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ମାମଲାର ଗୁଣବତ୍ତା ଉପରେ ଧ୍ୟାନ ଦେଇ ନାହାଁନ୍ତି ଏବଂ ଉକ୍ତ ଦାଖଲ ଉପରେ ଏହାର ସମାଧାନ କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଉପରୋକ୍ତ ଆଦେଶ ଆଧାରରେ, ଏଠାରେ ଅପିଲକାରୀଙ୍କୁ 6.2.1997 ରେ କିରାଣୀ

ଭାବରେ ପୁନଃସ୍ଥାପିତ କରାଯାଇଥିଲା । ଅପିଲକାରୀଙ୍କ ଅଭିଯୋଗ ହେଉଛି ଯେ ତାଙ୍କୁ ନିଲମ୍ବନ ତାରିଖ ଠାରୁ ପୁନଃସ୍ଥାପନ ତାରିଖ ପର୍ଯ୍ୟନ୍ତ କିରାଣୀ ପଦବୀ ପାଇଁ କୌଣସି ଲାଭ ଦିଆଯାଇ ନଥିଲା ।

ଯେତେବେଳେ ବିଶେଷ ଅନୁମତି ଆବେଦନ ଏହି ଅଦାଲତରେ ଗ୍ରହଣ ପାଇଁ ଆସିଥିଲା, ଏହି ଅଦାଲତ 19.12.2003 ରେ, ବିଳମ୍ବକୁ କ୍ଷମା କରିବା ପରେ, ଉତ୍ତରଦାତା-ବ୍ୟାଙ୍କକୁ ନୋଟିସ୍ ଜାରି କରିଥିଲେ ।

3.4.2006 ରେ, ଏହି ଅଦାଲତ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ:

" ଆବେଦନକାରୀଙ୍କ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ବ୍ୟାଙ୍କ ନିଲମ୍ବନ ଅବଧିକୁ ବିବେଚନା କରିବାକୁ ଇଚ୍ଛୁକ କି ନାହିଁ ସେ ବିଷୟରେ ଉତ୍ତରଦାତାମାନଙ୍କ ଓକିଲ ନିର୍ଦ୍ଦେଶ ନିଅନ୍ତୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ଅନ୍ୟ ସମସ୍ତ କ୍ଷେତ୍ରରେ ଆମେ ଏହି ବିବାଦିତ ଆଦେଶରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନୁହଁ ।"

5,7,2006 ରେ, ସମ୍ପୃକ୍ତ ଓକିଲଙ୍କୁ ଶୁଣିବା ପରେ, ଏହି ଅଦାଲତ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ :

" ଆବେଦନକାରୀ ପାଇଁ ବିଦ୍ୱାନ ବରିଷ୍ଠ ଓକିଲ ଶ୍ରୀ ଏଲ୍. ଏନ୍. ରାଓ ଏବଂ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଶ୍ରୀ ଧ୍ରୁବ ମେହତାଙ୍କ କଥା ଶୁଣିଲେ ।

3.4.2006 ରେ, ଏହି ଅଦାଲତ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ:

" ଆବେଦନକାରୀଙ୍କ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ବ୍ୟାଙ୍କ ନିଲମ୍ବନ ଅବଧିକୁ ବିବେଚନା କରିବାକୁ ଇଚ୍ଛୁକ କି ନାହିଁ ସେ ବିଷୟରେ ଉତ୍ତରଦାତାମାନଙ୍କ ଓକିଲ ନିର୍ଦ୍ଦେଶ ନିଅନ୍ତୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ଅନ୍ୟ ସମସ୍ତ କ୍ଷେତ୍ରରେ ଆମେ ଏହି ବିବାଦିତ ଆଦେଶରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନୁହଁ ।

ଶ୍ରୀଯୁକ୍ତ ଧ୍ରୁବ ମେହତା, ଉତ୍ତରଦାତା-ବ୍ୟାଙ୍କ୍ ତରଫରୁ, ଉପରୋକ୍ତ ନିର୍ଦ୍ଦେଶ ସମ୍ବନ୍ଧରେ ତାଙ୍କ ଦ୍ୱାରା ପ୍ରାପ୍ତ 30.6.2006 ତାରିଖର ଏକ ଚିଠି ଆମ ସମ୍ମୁଖରେ ରଖିଥିଲେ । ଏହିପରି ଭାବରେ ଚିଠିଟି ନଥିରେ ରଖାଯାଇଛି ।

ଚିଠିରୁ ଏହା ଦେଖିବାକୁ ମିଳିଛି ଯେ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ଆବେଦନକାରୀ ନିଲମ୍ବନ ଅବଧିକୁ ବିଚାର କରିବାକୁ ଉତ୍ତରଦାତା-ବ୍ୟାଙ୍କର ସକ୍ଷମ କର୍ତ୍ତୃପକ୍ଷ ରାଜି ନୁହଁନ୍ତି । ତେଣୁ, ନିଲମ୍ବନ ଅବଧିକୁ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ବିବେଚନା କରାଯାଇପାରିବ କି ନାହିଁ କେବଳ ସେ ପ୍ରଶ୍ନ ସମ୍ପର୍କରେ ଆମକୁ ପକ୍ଷମାନଙ୍କୁ ଶୁଣିବା ଆବଶ୍ୟକ । ଉଭୟ ପକ୍ଷ କେବଳ ଏହି ପ୍ରସଙ୍ଗରେ ଯୁକ୍ତି ଉପସ୍ଥାପନ କରିବାକୁ ସ୍ୱାଧୀନତା ପାଇବେ ।

2006 ମସିହା ଅଗଷ୍ଟ 29ରେ ଚୂଡ଼ାନ୍ତ ସମାଧାନ ପାଇଁ ବିଶେଷ ଅନୁମତି ଆବେଦନ ସୂଚିତ କରନ୍ତୁ ।

ଯେହେତୁ ବ୍ୟାଙ୍କ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ଅପିଲକାରୀଙ୍କ ନିଲମ୍ବନ ଅବଧିକୁ ବିଚାର କରିବାକୁ ରାଜି ହୋଇନଥିଲା, ତେଣୁ ନିଲମ୍ବନ ଅବଧିକୁ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ବିବେଚନା କରାଯାଇପାରିବ କି ନାହିଁ ସେ ସମ୍ପର୍କରେ ଆମେ ପକ୍ଷମାନଙ୍କର କେବଳ ଏହି ପ୍ରଶ୍ନ ବିଷୟରେ ଶୁଣିଲୁ । ଆମେ ଉଭୟ ପକ୍ଷଙ୍କ କଥା ବିସ୍ତାର ସହିତ ଶୁଣିଲୁ ।

ଏହି ମାମଲାରେ, ଆବେଦନକାରୀଙ୍କୁ 3.7.1985 ରେ ନିଲମ୍ବିତ କରାଯାଇଥିଲା ଏବଂ 28.7.1988 ରେ ଚାକିରିରୁ ବରଖାସ୍ତ କରାଯାଇଥିଲା । ଏହା ପରେ, ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଉଭୟ ପକ୍ଷଙ୍କ ଦ୍ୱାରା ସହମତି ଅନୁଯାୟୀ ଉକ୍ତ ବରଖାସ୍ତ ଆଦେଶ କିରାଣୀ ପଦବୀକୁ ପ୍ରତ୍ୟାବର୍ତ୍ତନ ପାଇଁ ପରିବର୍ତ୍ତନ କରାଯାଇଥିଲା । ବର୍ତ୍ତମାନ, ଏକମାତ୍ର ପ୍ରଶ୍ନ ହେଉଛି ଅପିଲକାରୀ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ନିଲମ୍ବନ ଅବଧିକୁ ବିଚାର କରିବାକୁ ହକଦାର କି? ଏହା ବିବାଦରେ ନାହିଁ ଯେ ନିଲମ୍ବନ ତାରିଖ ଠାରୁ ପୁନଃସ୍ଥାପନ ତାରିଖ ପର୍ଯ୍ୟନ୍ତ ଅପିଲକାରୀଙ୍କୁ କିରାଣୀ ଭାବରେ କୌଣସି ଚାକିରି ସୁବିଧା ଦିଆଯାଇ ନଥିଲା । ଯେତେବେଳେ ବରଖାସ୍ତ ଆଦେଶ ବାତିଲ କରିଦିଆଗଲା ଏବଂ ଅପିଲକାରୀଙ୍କୁ କିରାଣୀ ପଦବୀକୁ ଫେରାଇ ନିଆଗଲା, ସେତେବେଳେ ଆମର ମତ ହେଉଛି ଯେ ସେ ଉକ୍ତ ପଦବୀ ପାଇଁ ଉପଲବ୍ଧ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ସମେତ ସେବା ସୁବିଧା ପାଇବାକୁ ହକଦାର ହେବେ । ଶ୍ରୀ ଧ୍ରୁବ ମେହେଟା ନିବେଦନ କରିଥିଲେ ଯେ ଅପିଲକାରୀ, ଯଦି କୌଣସି ପ୍ରକାରେ ଲାଭ

ପାଇବାକୁ ହକଦାର, 3.7.1985 ରୁ 28.7.1988 ପର୍ଯ୍ୟନ୍ତ ଅବଧି ପାଇଁ ଲାଭ ପାଇବେ । ଉକ୍ତ ନିବେଦନରେ କୌଣସି ଗୁଣବତ୍ତା ନାହିଁ ।

ତେଣୁ, ଆମେ ଉତ୍ତରଦାତା-ବ୍ୟାଙ୍କକୁ ନିର୍ଦ୍ଦେଶ ଦେଉଛୁ ଯେ ନିଲମ୍ବନ ଅବଧିକୁ 3.7.1985 ରୁ 6.2.1997 କୁ କେବଳ ଅବସରକାଳୀନଭତ୍ତା ଏବଂ ଆନୁତୋଷିକ ଅର୍ଥଦାନ ଗଣନା ପାଇଁ ବିବେଚନା କରନ୍ତୁ । ଉପରୋକ୍ତ ସର୍ତ୍ତାବଳୀ ଆଧାରରେ ଆବେଦନଟିର ସମାଧାନ ହୋଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

କେ. କେ. ଟି

ଅପିଲ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
କ୍ରିଷ୍ଣା ଦାଶ
ଅନୁବାଦିକା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।